## ଆଦିବାସୀ ମେଳା-୨୦୧୭

## ଅଷ୍ଟମ ସନ୍ଧ୍ୟା – ମେଳା ପଡ଼ିଆରେ ଗାଁର ଚିତ୍ର

ଭୁବନେଶ୍ୱର ତା ୨/୨/୨୦୧୭

ତା ୨୬/୧/୨୦୧୭ ରିଖ ଠାରୁ ୟୁନିଟ-୧ ସ୍ଥିତ, ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଆଦିବାସୀ ମେଳା ଅଷ୍ଟମ ଦିନରେ ପହଞ୍ଚିଛି । ଲୋକଗହଳି ଦିନକୁ ଦିନ ବଢ଼ି ଚାଲିଛି । ଏଠାକୁ ନିମ୍ନବିତ୍ତ, ମଧ୍ୟବିତ୍ତ ଓ ଉଚ୍ଚବିତ୍ତ ସବୁବର୍ଗର ଲୋକେ ଆସୁଛନ୍ତି । ଆଦିବାସୀ ହାଟରୁ ଅଦା, ହଳଦୀ, ମହୁ, ଝୁଣା, ପାଳୁଅ, ବିରି, ମୁଗ, କୋଳଥ ଆଦି କିଣିବା ସହିତ ଆଦିବାସୀ ସମାଜ, ସଭ୍ୟତା ଓ ସଂସ୍କୃତି ବିଷୟରେ ଜାଣିବା ପାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଓ ଅଣୁ ପ୍ରକଳ୍ପ ଦ୍ୱାରା ନିର୍ମିତ ଆଦିବାସୀ ଘର ଗୁଡ଼ିକୁ ଆଗ୍ରହର ସହ ବୁଲି ଦେଖୁଛନ୍ତି ।

ସଉରା ଘର (ସିଙ୍ଗ୍) ଦେଖିବାକୁ ଭାରି ସୁନ୍ଦର । ଘର ଆଗରେ ଲିମ୍‌ତାମ (ନମସ୍କାର) ସିମ୍‌ତାମ୍ (ସ୍ୱାଗତମ୍) ଲେଖାଯାଇଛି । ଏଥିରୁ ମଣିଷକୁ ସେମାନେ କେତେ ଭଲ ପାଆନ୍ତି; କେତେ ଆପଣାର କରନ୍ତି ତାହା ଜଣାପଡ଼ିଥାଏ । ଘର ଭିତରକୁ ପଶୁ ପଶୁ ବାଟ ଦେବତା (ତାଙ୍ଗର୍‌ବାସୁମ୍)ଙ୍କ ପୀଠ । ମା' ମାଣିକେଶ୍ୱରୀ ସେମାନଙ୍କର ଇଷ୍ଟଦେବୀ । ନୂଆପଡ଼ା ଜିଲ୍ଲା ଅନ୍ତର୍ଗତ ସୁନାବେଡ଼ାରୁ ଆସିଥିବା ଚୁକ୍‌ଟିଆ ଭୁଞ୍ଜିଆମାନଙ୍କର ଗୃହନିର୍ମାଣ କଳା ସ୍ୱତନ୍ତ୍ର । ସେମାନଙ୍କର ରୋଷେଇଘରକୁ "ଲାଲ ବଙ୍ଗଳା" କୁହାଯାଏ । ସେମାନଙ୍କର ଇଷ୍ଟଦେବୀ ସୁନାଦେଇ ଠାକୁରାଣୀ । କେଉଁଝରରୁ ଆସିଥିବା ଜୁଆଙ୍ଗମାନଙ୍କ ଘର ବି ଭାରି ସୁନ୍ଦର ଦିଶୁଛି । ଅଗଣାରେ ମା ତାରିଣୀ ପୂଜା ପାଉଛନ୍ତି । ଦୁଇ କଡ଼ରେ କଳାଘୋଡ଼ା, ନାଲିଘୋଡ଼ା ଠିଆ ହୋଇଛନ୍ତି । ଦେଖିଦେଲେ ଭକ୍ତିରେ ମୁଣ୍ଡ ନଇଁ ଯାଉଛି । ସେହିପରି କୋହ୍ଲଘର ଅଗଣାରେ ପୋଖରୀରେ କଇଁଫୁଲ ଫୁଟିଛି । ତେଣ୍ଡା ଅଛି । ତେଣ୍ଡାରେ ପାଣି ବୁହାହୋଇ ଚାଷ ହେଉଛି । ରାୟଗଡ଼ାରୁ ଆସିଥିବା ଡ଼ଙ୍ଗରିଆ କନ୍ଧମାନଙ୍କ ଘରର ପିଢ଼ା ଉପରେ କଖାରୁ ଫଳିଛି । ଗୁଣୁପୁରରୁ ଆସିଥିବା ଲାଞ୍ଜିଆ ସଉରାମାନଙ୍କ ଘର ଓ ସେମାନଙ୍କ ଅଗଣାର ଉଦ୍ୟାନକୃଷି ଲୋକମାନଙ୍କୁ

ଆକୃଷ୍ଟ କରୁଛି । ଜାଙ୍କ୍ରୀ ଦେବତା (ଜାନାଲସୁମ୍) ବାଟ ଦେବତା (ସାର୍ପାଲ ସୁମ୍) ଘର ଅଗଣାରେ ପୂଜା ପାଉଛନ୍ତି । ମାଲକାନଗିରିର କୋୟାଘର, ଜୟପୁରର ପରଜା ଘର, କୁଟିଆଁର କିସାନ ଘର ଦେଖି ଜନଜାତିମାନଙ୍କର ସାମାଜିକ ଜୀବନ ଧାରା ଓ ସେମାନଙ୍କ ସଂସ୍କୃତି ବିଷୟରେ ଲୋକମାନେ ସମ୍ୟକ ଜ୍ଞାନ ଆହରଣ କରୁଛନ୍ତି । ଥୁଆମୂଳ ରାମପୁରର କୁଟିଆକନ୍ଧ ଘରେ ଧରଣୀପେନୁ, କଟେଇ ପେନୁ ଓ ଟାଣ୍ଡପେନୁ ପୂଜା ଦେଖି ଜନଜାତିମାନଙ୍କ ମଧ୍ୟରେ ଥିବା ଧାର୍ମିକ ଭାବନାର ଚିତ୍ର ପ୍ରତିଫଳିତ ହେଉଛି । ନବରଙ୍ଗପୁରର ଗଣ୍ଡ ଘର ଦେଖିଲେ ଗଣ୍ଡମାନେ କେତେ କଳାପ୍ରିୟ ତାର ସ୍ପଷ୍ଟ ଆଭାସ ମିଳୁଛି । କାନ୍ଥରେ ଗଣ୍ଡ ଚିତ୍ରକଳା ଦେଖି ଦର୍ଶକମାନେ ବେଶ୍ ଖୁସି ହେଉଛନ୍ତି । ସଉରାମାନଙ୍କ ଇଡ଼ିତାଲ୍ (କାନ୍ଥଚିତ୍ର) ପରି ଗଣ୍ଡଚିତ୍ର କଳା ର ବେଶ୍ ଆଦର ରହିଛି । ଅଗଣାରେ କୋବି, କଦଳୀ ଆଦି ଚାଷ ହୋଇଛି । ଗୁଡ଼ିଘରେ ଦେବତା ପୂଜା ପାଉଛନ୍ତି । ମୟୁରଭଂଜ ଜିଲ୍ଲା ଅନ୍ତର୍ଗତ କରଞ୍ଜିଆର ମାଙ୍କିଡ଼ିଆ ଘର (କୁମ୍ଭା)ର ନିର୍ମାଣ ଶୈଳୀ ଦେଖି ଦର୍ଶକମାନେ ବିସ୍ମିତ ହେଉଛନ୍ତି । ପତ୍ରକୁ ପତ୍ର ଯୋଡ଼ି ଏହି କୁମ୍ଭାଘର ସେମାନେ ତିଆରି କରନ୍ତି । ମାଙ୍କିଡ଼ିଆମାନେ କୌଣସି ଗୋଟିଏ ସ୍ଥାନରେ ସ୍ଥାୟୀ ଭାବରେ ବସବାସ କରନ୍ତି ନାହିଁ । ଏହି କାରଣରୁ ସେମାନେ ଅସ୍ଥାୟୀ ପତ୍ରକୁମ୍ଭା ତୋଳି ଥାଆନ୍ତି । କୋରାପୁଟ ଆଇ.ଟି.ଡ଼ି.ଏ ଦ୍ୱାରା ନିର୍ମିତ ଗାଦବା ଘର ପାଖରେ ଦର୍ଶକମାନଙ୍କ ପାଦ ଅଟକି ଯାଉଛି । ଗଦବାମାନେ ଗୋଲେଇ ଘର ତିଆରି କରନ୍ତି । ସେମାନଙ୍କ ଗୃହ ନିର୍ମାଣ କଳା ଭାରି ସୁନ୍ଦର । ସେମାନେ ଘରକୁ ଗୁଡବ୍ ଡ଼ିୟେନ୍ କୁହନ୍ତି । ଘରେ ଥିବା ସେମାନଙ୍କ ବାସନ କୁସନ ଓ ଘର ଅଗଣାର ଲିପାପୋଛା ଓ ଘର ପରିବେଶର ପରିଷ୍କାର ପରିଚ୍ଛନ୍ନତା ଦେଖିଲେ ସେମାନେ କେତେ ପରିଷ୍କାର ତାହା ଜଣା ପଡ଼ି ଯାଉଛି । ସେହିପରି ବଣ୍ଡାଘର ରିମ୍‌ଡ଼ିଆଁ ମଧ୍ୟ ଦର୍ଶକମାନଙ୍କୁ ଅଟକାଇ ଦେଉଛି । ଏହି ପ୍ରାଚୀନତମ ଜନଜାତିର ଘର ଓ ତା'ର ପରିବେଶ ଦେଖି ଲୋକେ ବହୁତ କଥା ଜାଣୁଛନ୍ତି । ଘର ଅଗଣାରେ ମା ପାଟଖଣ୍ଡା ଓ ମା ଡ଼ାଲଖାଇଙ୍କ ପୂଜାଘର । ସିନ୍ଧିବର ସେମାନଙ୍କର ଆଲୋଚନା ପୀଠ । ଏମିତି

ଆହୁରି ଅନେକ ଘର ରହିଛି । ସେ ସବୁ ଘର ଓ ତା'ର ପରିବେଶ ଦେଖିଲେ ସେମାନଙ୍କ ସାମାଜିକ ଜୀବନ ଧାରା ଓ ସଂସ୍କୃତି ବିଷୟରେ କିଛି କିଛି ଜାଣି ହେଉଛି ।

ଫେବୃୟାରୀ ୩ ତାରିଖ ଦିନ ସଂଧ୍ୟା ୬ ଘଟିକାରେ ମେଳା ପଡ଼ିଆରେ ଥିବା ମୁକ୍ତ ରଙ୍ଗମଞ୍ଚରେ ଅନୁସୂଚିତ ଜନଜାତି ଅନୁସୂଚିତ ଜାତି ଉନ୍ନୟନ ବିଭାଗର ସାଂସ୍କୃତିକ ପରିଷଦ ଦ୍ୱାରା ଏକ ସମାଜିକ ନାଟକ ମଞ୍ଚସ୍ଥ ହେବାର କାର୍ଯ୍ୟକ୍ରମ ରହିଛି । "କଥା ନ କହୁଣୁ କାହାଣୀ ସରେ"- ରଚନା ଓ ନିର୍ଦ୍ଦେଶନା ସନ୍ତୋଷ କୁମାର ମହାନ୍ତି । ସଙ୍ଗୀତ – ତାପସ ଦାସ । ମେଳା ପରିସର ଦର୍ଶକମାନଙ୍କ ନିମନ୍ତେ ପ୍ରତ୍ୟହ ଦିବା ୨ ଘଟିକା ଠାରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ଖୋଲା ରହୁଛି । ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲୁ ରହିବ ।